# ଗ୍ରାମାଞ୍ଚଳରେ ଏବେ ବି ଦେଢକୋଟି ଗରିବ

## ଖାଦ୍ୟ ନିରାପତ୍ତା ମାନଚିତ୍ର ଉନ୍ମୋଚିତ




ଶନିବାର ବାଣୀବିହାର ପିଜି କାଉନସିଲ ହଲରେ ଅନୁଷ୍ଠିତ ଗ୍ରାମାଞ୍ଚଳ ଓଡ଼ିଶାର ଖାଦ୍ୟ ନିରାପତ୍ତା ଆଟ୍‌ଲାସ୍‌ର ଶୁଭାରମ୍ଭରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଭୁବନେଶ୍ୱର, (ବ୍ୟୁରୋ)-ରାଜ୍ୟରେ ବିକାଶ ପ୍ରକ୍ରିୟା ଜାରି ରହିଥିବା କଥା କୁହାଯାଉଛି । ହେଲେ ଏବେ ବି ଅନେକ ଲୋକ ପେଟକୁ ମୁଠାଏ ଦାନା ଜୁଟାଇବା ଲାଗି ସକ୍ଷମ ହୋଇ ପାରୁ ନାହାନ୍ତି । ଏମାନଙ୍କ ସଂଖ୍ୟା ଗ୍ରାମାଞ୍ଚଳରେ ସର୍ବାଧିକ । ଓଡିଶାର ଗ୍ରାମାଞ୍ଚଳରେ ପ୍ରାୟ ଦେଢ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି । ଯାହାକି ରାଜ୍ୟର ସମୁଦାୟ ଗ୍ରାମାଞ୍ଚଳ ଲୋକ ସଂଖ୍ୟାର ୪୭ ପ୍ରତିଶତ । ସେଥିମଧ୍ୟରୁ ୫୦ ଲକ୍ଷ ଲୋକ ସର୍ବନିମ୍ନ କ୍ୟାଲୋରି ୪୮ ଗ୍ରାମ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ଜାତିସଂଘର ବିଶ୍ୱ ଖାଦ୍ୟ ଯୋଜନା(ଡବ୍ଲ୍ୟୁଏଫ ପି)ଇନଷ୍ଟିଚ୍ୟୁଟ ଫର ହ୍ୟୁମାନ ଡେଭେଲପମେଣ୍ଟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଓଡିଶାର ଗ୍ରାମାଞ୍ଚଳ ଖାଦ୍ୟ ନିରାପତ୍ତା ମାନଚିତ୍ରରୁ ଏକଥା ଜଣା ପଡିଛି । ପ୍ରସ୍ତୁତ ମାନଚିତ୍ରରେ କୁହାଯାଇଛି ଯେ ରାଜ୍ୟରେ ମାଆ ଓ ଶିଶୁମାନଙ୍କର ଅବସ୍ଥା ମଧ୍ୟ ଉଦ୍‌ବେଗ ଜନକ ଅବସ୍ଥାରେ ରହିଛି । ୩ ବର୍ଷରୁ କମ ବୟସ ୪୬ ପ୍ରତିଶତ ଶିଶୁଙ୍କର ଓଜନ ଅପେକ୍ଷାକୃତ କମ ରହିବା ବେଳେ ୪୦ ପ୍ରତିଶତଙ୍କ ଶାରିରୀକ ବୃଦ୍ଧି ଘଟୁ ନାହିଁ । ୨୦ ପ୍ରତିଶତ ଶିଶୁ ଅତ୍ୟନ୍ତ ଦୁର୍ବଳ । ଦୁଇତୃତୀୟାଂଶ ଶିଶୁ ଭୟଙ୍କର ରକ୍ତହୀନତା ରୋଗର ଶିକାର ହେଉଛନ୍ତି । ୬୧ ପ୍ରତିଶତ ମହିଳା ଏବଂ ୩୪ ପ୍ରତିଶତ ପୁରୁଷ ମଧ୍ୟ ଏହି ରୋଗର ଶିକାର ହେଉଛନ୍ତି । ପ୍ରତି ୧୧ ଜଣରେ ଜଣେ ଶିଶୁ ୫ ବର୍ଷ ପୂରିବା ପୂର୍ବରୁ ମୃତ୍ୟୁବରଣ କରୁଛନ୍ତି । ପ୍ରତି ହଜାରେ ଶିଶୁରେ( ୫ ବର୍ଷରୁ କମ) ୯୦ ଜଣ ମୃତ୍ୟୁବରଣ କରୁଥିବା ୫ଟି ରାଜ୍ୟ ମଧ୍ୟରୁ ଅନ୍ୟତମ । କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡାରେ ଖାଦ୍ୟ ସମସ୍ୟା ଅତ୍ୟନ୍ତ ଗମ୍ଭୀର ଅବସ୍ଥାରେ ରହିଛି । ଏଠାକାର ଲୋକମାନଙ୍କର ମାସକୁ ୨୫୦ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିବାର କ୍ଷମତା ନାହିଁ । କାମ ନ ଥିବାରୁ ଅଧିକାଂଶ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ମାଲକାନଗିରି, ରାୟଗଡା, କନ୍ଧମାଳ ଏବଂ ଗଜପତି ଜିଲ୍ଲାରେ ୮୦ପ୍ରତିଶତ ଲୋକ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଛନ୍ତି । ପ୍ରତି ୩ଟି ପରିବାର ମଧ୍ୟରୁ ଗୋଟିଏ ପରିବାର ଶୁଦ୍ଧ ପିଇବା ପାଣିରୁ ବଞ୍ଚିତ । ଏହି ମାନଚିତ୍ରକୁ ମୁଖ୍ୟ ଅତିଥି ତଥା ଯୋଜନା ବୋର୍ଡର ସଦସ୍ୟ ଅଭିଜିତ ସେନ ଉନ୍ମୋଚିତ କରିଥିଲେ । ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ଜାତିସଂଘର ଇଣ୍ଡିଆ କଣ୍ଟ୍ରି ଡାଇରେକ୍ଟର ମିହୋକୋ ତାମମୁରା କହିଲେ ଯେ ଓଡିଶା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ଏହା ସତ୍ତ୍ୱେ ଗରିବ ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି । ୪୬ ପ୍ରତିଶତ ଶିଶୁ ପୃଷ୍ଟିହୀନତାର ଶିକାର ହେଉଛନ୍ତି । ଯାହାକି ସମଗ୍ର ବିଶ୍ୱରେ ସର୍ବାଧିକ । ଭୋକିଲା ଏବଂ ପୃଷ୍ଟିହୀନତା ମଧ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି । ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି କ୍ଷେତ୍ର ପ୍ରଭାବିତ ହେଉଛି । ଏଥିଯୋଗୁ ଖାଦ୍ୟ ନିରାପତ୍ତା ବିପର୍ଯ୍ୟସ୍ତ ହେଉଛି । ଓଡିଶାରେ ଥିବା ଅତ୍ୟନ୍ତ ଗରିବ ଲୋକଙ୍କ ଯତ୍ନ ନେବାକୁ ପଡିବ । ପ୍ରସ୍ତୁତ ମାନଚିତ୍ର ଖାଦ୍ୟ ନିରାପତ୍ତା ଦିଗରେ ପ୍ରଥମ ପଦକ୍ଷେପ । ଏଥିରେ ମୁଖ୍ୟ ଶାସନ ସଚିବ ଅଜିତ କୁମାର ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ବିନାୟକ ରଥ,ଇନଷ୍ଟିଚ୍ୟୁଟ ଫର ହ୍ୟୁମାନ ଡେଭେଲପମେଣ୍ଟର ନିର୍ଦ୍ଦେଶକ ଅଳକାନାଥ ଶର୍ମା, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ରାଜକିଶୋର ଶର୍ମା, ମିଶନ ଶକ୍ତି ନିର୍ଦ୍ଦେଶକ ମୋନା ଶର୍ମା, ପ୍ରଫେସର ରାଧାମୋହନ, ମିନିମାଥ୍ୟୁ ପ୍ରମୁଖ ଯୋଗ ଦେଇଥିଲେ ।

THE DHARITREE

26 OCTOBER 2008